POSHAN Abhiyaan
PM's Overarching Scheme for Holistic Nourishment
सही पोषण - देश रोशन

सत्यमेव जयते

Towards a new dawn

# ଗୃହ ପରିଦର୍ଶନ ପ୍ଲାନରକୁ ପୂରଣ କରିବା କିମ୍ବା ଅଦ୍ୟାବଧି ହୋଇଥିବା ପରିବର୍ତ୍ତନକୁ ଲିପିବଦ୍ଧ କରିବା ଏବଂ ଗୃହ ପରିଦର୍ଶନ ଆରମ୍ଭ କରିବା


Register 8

IntegratedChildDevelopmentServices

HomeVisitsPlanner


| | Name | Code |
|---|---|---|
| District | | |
| ICDSProject(Block) | | |
| Sector | | |
| Village/Ward | | |
| AnganwadiCentre | | |
| AnganwadiWorker | | |
| AnganwadiHelper | | |

MinistryofWomen&ChildDevelopment
GovernmentofIndia

ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ
ଭାରତ ସରକାର, ୨୦୧୮

୧





# ପ୍ରଶ୍ନ ଗୁଡିକର ସମୀକ୍ଷା କରିବା

## ରେଜିଷ୍ଟର ନଂ-୧ ଓ ମାନଚିତ୍ରକୁ ଅଦ୍ୟାବଧି ଅଧୁନାତନ କରିବା ବା ପ୍ରସ୍ତୁତ କରିବା ହୋଇଥିବା ପରିବର୍ତ୍ତନକୁ ଲିପିବଦ୍ଧ କରିବା

**ଦ୍ୱିତୀୟ ବୈଠକକୁ ଅଂଶଗ୍ରହଣକାରୀ ମାନଙ୍କୁ ସ୍ୱାଗତ କରିବା ।**

**ଆଜିକାର ଅଧିବେଶନ ଆରମ୍ଭ କରିବା ପୂର୍ବରୁ, ପୂର୍ବ ବୈଠକରେ ଆମ୍ଭେମାନେ ଯୋଜନା କରିଥିବା ବିଷୟ ବସ୍ତୁକୁ ପୁନର୍ବାର ଆଲୋଚନା କରିବା ବୋଲି କହିବା ।**

**ଯେ କୌଣସି ଜଣେ ଅଂଶଗ୍ରହଣକାରୀଙ୍କ କାର୍ଡ ପଢ଼ାଇବେ ଏବଂ ପ୍ରତ୍ୟେକ ବିଷୟବସ୍ତୁ (ପ୍ରସଙ୍ଗ) କୁ ସଂକ୍ଷିପ୍ତ ଭାବେ ଆଲୋଚନା କରିବାକୁ କହିବ ।**

**ପଚାରନ୍ତୁ :**

ଆପଣମାନଙ୍କ ମଧ୍ୟରୁ କେତେଜଣ ଆପଣଙ୍କ ଅଞ୍ଚଳର ମାନଚିତ୍ର update କରିଛନ୍ତି ? କେତେଜଣ ଶେଷ ଋତୁସ୍ରାବ ତାରିଖ ଅନୁଯାୟୀ ରେଜିଷ୍ଟର-୧ରେ ସାମ୍ଭାବ୍ୟ ପ୍ରସବ ତାରିଖ ଲିପିବଦ୍ଧ କରିଛନ୍ତି ? ସମସ୍ତେ ଠିକ୍ ଭାବରେ ପୂରଣ କରିଛନ୍ତି କି ନାହିଁ ବା ରେଜିଷ୍ଟର ଗୁଡିକ ଠିକ୍ ଭାବରେ ପୁରଣ ହୋଇଛିକି ନାହିଁ **ଜାଣିବା ପାଇଁ ଅଳ୍ପ କେତେଜଣଙ୍କ ରେଜିଷ୍ଟରକୁ ନିରୀକ୍ଷଣ କରନ୍ତୁ, ଯଦି ଠିକ୍ ଭାବରେ ପୁରଣ ହୋଇନଥାଏ ତେବେ ଯଥାଶିଘ୍ର ସମ୍ଭବ ଠିକ୍ ଭାବରେ ପୁରଣ କରିବା ପାଇଁ ବୁଝାନ୍ତୁ ।**

**ପଚାରନ୍ତୁ :**

ଆପଣମାନେ ଦୟାକରି କୁହନ୍ତୁ ଆପଣମାନଙ୍କ ଅଞ୍ଚଳରେ କେତୋଟି ଗୋଷ୍ଠୀ ଆଦିବାସୀ/ହରିଜନ/ସଂଖ୍ୟାଲଘୁ କିମ୍ବା ପଛୁଆବର୍ଗ ଶ୍ରେଣୀର ଅଛନ୍ତି ? କୌଣସି ସମ୍ପ୍ରଦାୟର (ଗୋଷ୍ଠୀର) କୌଣସି ଶିଶୁ ବା ଗର୍ଭବତୀଙ୍କ ନାମ ପଞ୍ଜିକୃତ ନହୋଇ ରହି ଯାଇଛି କି ?

**ଯଦି କୌଣସି ନାମ ପଞ୍ଜିକୃତ ନହୋଇ ରହିଯାଇଥାଏ ତେବେ ନିକଟସ୍ଥ ଅ:କେନ୍ଦ୍ରରେ ନାମ ପଞ୍ଜିକୃତ କରିବା ପାଇଁ କୁହନ୍ତୁ ଓ ସେଥିପାଇଁ ସାହାଯ୍ୟ କରନ୍ତୁ ।**



## ପ୍ରଶ୍ନ ଗୁଡିକର ସମୀକ୍ଷା କରିବା



## ପଞ୍ଜିକା-୧ ଏବଂ ମାନଚିତ୍ରରେ ଅଦ୍ୟାବଧି ହୋଇଥିବା ପରିବର୍ତ୍ତନକୁ ଲିପିବଦ୍ଧ କରିବା କିମ୍ବା ପ୍ରସ୍ତୁତ କରିବା

- ଆପଣଙ୍କ ଅଙ୍ଗନୱାଡି କେନ୍ଦ୍ରର ସୀମା ସଠିକ୍ ରୂପେ ଚିହ୍ନଟ ହୋଇଛି କି ?
- ମାନଚିତ୍ରରେ ଅଦ୍ୟାବଧି ହୋଇଥିବା ପରିବର୍ତ୍ତନକୁ ଲିପିବଦ୍ଧ କରିବା ପାଇଁ ଆପଣ କୌଣସି ଅସୁବିଧାର ସମ୍ମୁଖୀନ ହୋଇଛନ୍ତି କି ?
- ଶେଷ ଋତୁସ୍ରାବ ତାରିଖରୁ ସମ୍ଭାବ୍ୟ ପ୍ରସବ ତାରିଖ ବାହାର କରିବା ପାଇଁ ଆପଣ କୌଣସି ଅସୁବିଧାର ସମ୍ମୁଖୀନ ହେଲେ କି ?
- ଆପଣ କୌଣସି ନୂତନ ଗର୍ଭବତୀ ମହିଳାଙ୍କୁ ଚିହ୍ନଟ କଲେ କି ?
- ଆପଣ କୌଣସି ନୂତନ ଶିଶୁକୁ ଚିହ୍ନଟ କଲେ କି ?



# ଆଜିର ବିଷୟବସ୍ତୁ

## ଗୃହ ପରିଦର୍ଶନ ପ୍ଲାନରକୁ ପ୍ରସ୍ତୁତ କରିବା କିମ୍ବା ଅଦ୍ୟାବଧି ହୋଇଥିବା ପରିବର୍ତ୍ତନକୁ ଲିପିବଦ୍ଧ କରିବା

କାର୍ଡ ପ୍ରଦର୍ଶନ କରନ୍ତୁ

ଆଜି ଆମ୍ଭେମାନେ ଗୃହ ପରିଦର୍ଶନ ପ୍ଲାନରକୁ ପ୍ରସ୍ତୁତ କରିବା କିମ୍ବା ଅଦ୍ୟାବଧି ହୋଇଥିବା ପରିବର୍ତ୍ତନକୁ ଲିପିବଦ୍ଧ କରିବା ବୋଲି ଅଂଶଗ୍ରହଣକାରୀ ମାନଙ୍କୁ କୁହନ୍ତୁ ।

ପଚାରନ୍ତୁ :

ଆପଣମାନଙ୍କ ମଧ୍ୟରୁ କେହି କେବେହେଲେ ବି ଗୃହ ପରିଦର୍ଶନ (ରେଜିଷ୍ଟର-୮)ପ୍ରସ୍ତୁତ କିମ୍ବା ବ୍ୟବହାର କରିନାହାନ୍ତି କି ? କିଛି ଅଂଶଗ୍ରହଣକାରୀଙ୍କ ରେଜିଷ୍ଟର-୮ ନିରୀକ୍ଷଣ କରନ୍ତୁ ଓ କର୍ମୀ ମାନଙ୍କୁ ଦୁଇ ଦଳରେ ଭାଗ କରନ୍ତୁ ।

୧ମ ଦଳ : ଯେଉଁମାନେ ଗୃହ ପରିଦର୍ଶନ ପ୍ଲାନରକୁ କେବେହେଲେ ପୁରଣ କରି ନାହାନ୍ତି (ରେଜିଷ୍ଟର ନଂ-୮ ଟିର କୌଣସି ପୃଷ୍ଠା ପୁରଣହୋଇ ନାହିଁ) ।

୨ୟ ଦଳ : ଯେଉଁମାନେ ଗୃହ ପରିଦର୍ଶନ ପ୍ଲାନରକୁ ପୁରଣ କରିସାରିଛନ୍ତି (ରେଜିଷ୍ଟରରେ ନାମ ଗୁଡିକ ପୁରଣ ହୋଇସାରିଛି) ।

୧ମ  ଦଳ ପାଇଁ, ପ୍ରଥମେ ତାଙ୍କୁ ଡାଟା ଟ୍ରାନସଫର ସିଟ୍ ପ୍ରସ୍ତୁତ ବା ପୂରଣ କରିବା ଓ ତା'ପରେ କାର୍ଡ ୨ ରୁ ୫ କାର୍ଡ ର ସାହାଯ୍ୟ ନେଇ ଗୃହ ପରିଦର୍ଶନ ପ୍ଲାନରକୁ ପୁରଣ କରିବା ପାଇଁ ସାହାଯ୍ୟ କରନ୍ତୁ । ଏହି ଦଳଟିକୁ ଅଧିକ ସାହାଯ୍ୟର ଆବଶ୍ୟକତା ରହିଛି ।

୨ୟ ଦଳ ନିମନ୍ତେ, କାର୍ଡ ନମ୍ବର ୬ ସାହାଯ୍ୟରେ ଅଦ୍ୟାବଧି ହୋଇଥିବା ପରିବର୍ତ୍ତନକୁ ଲିପିବଦ୍ଧ କରିବା ନିମନ୍ତେ ସାହଯ୍ୟ କରନ୍ତୁ ।

ପ୍ରଥମେ ୨ୟ ଦଳକୁ କାମ କରିବା ପାଇଁ ବୁଝାଇ, କାମ ଆରମ୍ଭ କରିବା ପାଇଁ କୁହନ୍ତୁ । ସେମାନେ କାମ ଆରମ୍ଭ କଲାପରେ ସେହି ଦଳରୁ କିଛି ଅଭିଜ୍ଞ ଅଙ୍ଗନୱାଡି କର୍ମୀଙ୍କୁ ନେଇ ରେଜିଷ୍ଟରଟି ପୁରଣ କରିବା ପାଇଁ ୧ମ ଦଳକୁ ସାହାଯ୍ୟ କରନ୍ତୁ ।

ଦୁଇଟି ଦଳର କାମ ସମ୍ପୂର୍ଣ୍ଣ ହେଲାପରେ ସେମାନଙ୍କୁ ଏକାଠି କରି, ଗୃହ ପରିଦର୍ଶନ ପ୍ଲାନର ବ୍ୟବହାର ପାଇଁ ଆଗକୁ ବଢ଼ିବା ନିମନ୍ତେ କାର୍ଡ-୭ରେ କାର୍ଯ୍ୟ ଆରମ୍ଭ କରିବା ନିମନ୍ତେ ବୁଝାନ୍ତୁ ।




# ଆଜିର ବିଷୟବସ୍ତୁ



ଗୃହ ପରିଦର୍ଶନ ପ୍ଲାନର କିପରି ପୁରଣ କରିବା ।

ଗୃହ ପରିଦର୍ଶନ କିପରି ଆରମ୍ଭ କରିବା ।



# ଦଳ-୧

# ଡାଟା ଟ୍ରାନ୍ସଫର ସିଟ୍ କଣ ଓ ଏହାକୁ କିପରି ପୂରଣ କରିବା

ସେମାନଙ୍କୁ କାର୍ଡ ଦେଖାନ୍ତୁ ଏବଂ ସର୍ଭେ ରେଜିଷ୍ଟର (୧) ଓ ଡାଟା ଟ୍ରାନସଫର ସିଟ୍ ଖୋଲିବା ପାଇଁ କୁହନ୍ତୁ । ଆଜି ଆମେ ଡାଟା ଟ୍ରାନସଫର ସିଟ୍ ସାହାଯ୍ୟରେ ଗୃହ ପରିଦର୍ଶନ ପ୍ଲାନର ପୁରଣ କରିବା ଶିଖିବା ।

ପଚାରନ୍ତୁ

ତୁମ୍ଭେମାନେ ଡାଟା ଟ୍ରାନସଫର ସିଟ୍ର ଉଦ୍ଦେଶ୍ୟ ବିଷୟରେ ଜାଣିଛକି ?

ସେମାନେ କ'ଣ କହୁଛନ୍ତି ଶୁଣିଲା ପରେ, ଡାହାଣ ପଟେ ଦିଆଯାଇଥିବା ବିଷୟ ବସ୍ତୁର ସାହାଯ୍ୟ ନେଇ, ଡାଟା ଟ୍ରାନସଫର ସିଟ୍ ବିଷୟରେ ସେମାନଙ୍କୁ ବୁଝାନ୍ତୁ ।

କାର୍ଯ୍ୟଭାର :

ଡାହାଣ ପଟେ ଦିଆଯାଇଥିବା ବିଷୟବସ୍ତୁ ଅନୁଯାୟୀ ଡାଟା ଟ୍ରାନ୍ସଫର ସିଟ୍ ପୁରଣ କରିବା ପାଇଁ ଅଂଶ ଗ୍ରହଣକାରୀମାନଙ୍କୁ ସାହାଯ୍ୟ କରନ୍ତୁ ।

ଡାଟା ଟ୍ରାନ୍ସଫର ସିଟ୍କୁ ଏହି ବୈଠକରେ ପୂରଣ କରିବା ନିମନ୍ତେ କୁହନ୍ତୁ । ଯଦି ସମୟ କମ୍ ଥାଏ, ତେବେ ପ୍ରତ୍ୟେକ ଅଙ୍ଗନୱାଡି କର୍ମୀଙ୍କୁ ଅତିକମ୍‌ରେ ୨୦ଟି ପରିବାରର ଗର୍ଭବତୀ ମହିଳା ଓ ଶିଶୁ ମାନଙ୍କ ନାମ ଡାଟା ଟ୍ରାନ୍ସଫର ସିଟ୍‌ରେ ପୂରଣ କରିବା ନିମନ୍ତେ କୁହନ୍ତୁ । ଏହା ଦ୍ୱାରା ସେମାନେ ଠିକ୍ ଭାବେ ପୁରଣ କରିବା ଶିଖି ପାରିବେ । ଅବଶିଷ୍ଟ ପରିବାରରେ ଥିବା ନାମ ଘରେ କରିବା ପାଇଁ କୁହନ୍ତୁ ।

ଅଧିକ ସାହାଯ୍ୟ ନିମନ୍ତେ ପରିବର୍ତ୍ତିତ ଏମ୍‌ଆଇଏସ୍ ର ନିର୍ଦ୍ଦେଶାବଳୀ ବ୍ୟବହାର କରନ୍ତୁ ।

**ଡାଟା ଟ୍ରାନ୍ସଫର ସିଟ୍‌ର ଉଦ୍ଦେଶ୍ୟ**

ଡାଟା ଟ୍ରାନ୍ସଫର ସିଟ୍ ଟି ଗର୍ଭବତୀ ମହିଳାଙ୍କର ସମ୍ଭାବ୍ୟ ପ୍ରସବ ତାରିଖ ଓ ଶିଶୁମାନଙ୍କର ଜନ୍ମ ତାରିଖ ଅନୁଯାୟୀ ନାମ ଗୁଡିକରେ ଗୃହ ପରିଦର୍ଶନ ପ୍ଲାନରରେ ଲେଖିବା ପାଇଁ ସାହାଯ୍ୟ କରିଥାଏ । ଯଦି ଆମେ ନାମ ଗୁଡିକ ଠିକ୍ ଭାବେ ପୁରଣ କରିବା ତେବେ, ପ୍ରତ୍ୟେକ ରେଜିଷ୍ଟର ପାଇଁ ଖୋଜୁଥିବା ନାମ ନିମନ୍ତେ ସାଧାରଣ ଭାବେ ନଷ୍ଟ କରୁଥିବା ସମୟରୁ ରକ୍ଷା ପାଇବା । ଆମ୍ଭେମାନେ ନୂଆ ଗର୍ଭବତୀ ମହିଳା ଓ ଶିଶୁମାନଙ୍କର ନାମ ମଧ୍ୟ ଏହି କ୍ରମରେ ଯୋଗ କରିପାରିବ । ଡାଟା ଟ୍ରାନ୍ସଫର ସିଟ୍ ନିମ୍ନଲିଖିତ କାର୍ଯ୍ୟ ପୁରଣ  ନିମନ୍ତେ ସାହାଯ୍ୟ କରିଥାଏ ।

**କାର୍ଯ୍ୟଭାର :** ପରିବାର ସର୍ଭେ ରେଜିଷ୍ଟରରୁ ଗର୍ଭବତୀ ମହିଳା ଓ ଶିଶୁମାନଙ୍କର ନାମ ଡାଟା ଟ୍ରାନ୍ସଫର ସିଟ୍‌ରେ ପୂରଣ କରିବା

- ରେଜିଷ୍ଟର ନମ୍ବର ୧ରେ ଲିପିବଦ୍ଧ ହୋଇଥିବା ପରିବାରର ସମ୍ପୂର୍ଣ୍ଣ ବିବରଣୀ ଦେଖି ଗର୍ଭବତୀ ଓ ୧ ବର୍ଷରୁ କମ୍ ଶିଶୁ ମାନଙ୍କର ନାମ ବାଛିବା ।
- ୧ ବର୍ଷ ପର୍ଯ୍ୟନ୍ତ ଶିଶୁ ମାନଙ୍କର ନାମ ଓ ଜନ୍ମ ତାରିଖ ଡାଟା ଟ୍ରାନ୍ସଫର ସିଟ୍‌ରେ ଥିବା ସେହି ବର୍ଷ ଓ ମାସ ସ୍ଥାନରେ ଲେଖନ୍ତୁ । ଶିଶୁର ପରିବାର ସର୍ଭେ ନଂ ବ୍ୟକ୍ତିଗତ କ୍ରମିକ ନମ୍ବର (ପରିବାର ମଧ୍ୟରେ) ଏବଂ ଲିଙ୍ଗ ମଧ୍ୟ ଲେଖନ୍ତୁ ।
- ଗର୍ଭବତୀ ମହିଳାଙ୍କ ନିମନ୍ତେ, ସାମ୍ଭାବ୍ୟ ପ୍ରସବ ତାରିଖ ଅନୁଯାୟୀ ଡାଟା ଟ୍ରାନ୍ସଫର ସିଟ୍‌ରେ ଥିବା ବର୍ଷ ଓ ମାସ ସ୍ଥାନ ତାଙ୍କ ନାମ ଲେଖନ୍ତୁ । ଏହା ସହିତ ପରିବାର ସଂଖ୍ୟା, ପରିବାର କ୍ରମିକ ନଂ. ଲେଖନ୍ତୁ ।
- ସମସ୍ତ ଗର୍ଭବତୀ ମହିଳା ଓ ୧ ବର୍ଷ ତଳକୁ ଥିବା ଶିଶୁମାନଙ୍କର ନାମ ଡାଟା ଟ୍ରାନସଫର ସିଟ୍‌ର ସଠିକ୍ ଜାଗାରେ ପୂରଣ ହେବାର ନିଶ୍ଚିତ କରାନ୍ତୁ ଏବଂ କୌଣସି ନାମ ଯେପରି ଛାଡି ନଯାଆନ୍ତି ସେଥିପ୍ରତି ଯତ୍ନବାନ ହୁଅନ୍ତୁ ।



# ୧ମ ଦଳ

# ଡାଟା ଟ୍ରାନ୍ସଫର ସିଟ୍ କଣ ଓ ଏହାକୁ କିପରି ପୂରଣ ହେବ ?



| | ୨୦୧୭ | | | | | | ୨୦୧୮ | | | | | |
|---|---|---|---|---|---|---|---|---|---|---|---|---|
| | ପରିବାର<br>କ୍ର.ନଂ. | ବ୍ୟକ୍ତିଗତ<br>କ୍ର.ନଂ. | ଜନ୍ମ ତିଥି<br>ସମ୍ଭାବ୍ୟ<br>ପ୍ରସବ ତାରିଖ | ବୟସ<br>ବର୍ଷ ମାସ | ନାମ<br>୬ ମାସରୁ କମ୍ ଶିଶୁଙ୍କ<br>ମାତାଙ୍କ ନାମ ଲେଖିବେ | ଲିଙ୍ଗ | ପରିବାର<br>କ୍ର.ନଂ. | ବ୍ୟକ୍ତିଗତ<br>କ୍ର.ନଂ. | ଜନ୍ମ ତିଥି<br>ସମ୍ଭାବ୍ୟ<br>ପ୍ରସବ ତାରିଖ | ବୟସ<br>ବର୍ଷ ମାସ | ନାମ<br>୬ ମାସରୁ କମ୍ ଶିଶୁଙ୍କ<br>ମାତାଙ୍କ ନାମ ଲେଖିବେ | ଲିଙ୍ଗ |
| ଗର୍ଭବତୀ | | | | | | | | | | | | |
| ପ୍ରସୂତୀ | | | | | | | | | | | | |
| ଶିଶୁ | | | | | | | | | | | | |



# ୧ମ ଦଳ
# ଗୃହ ପରିଦର୍ଶନ ପ୍ଲାନର କ'ଣ ?

ଆଜି ଆମେ ଗୃହ ପରିଦର୍ଶନ ପ୍ଲାନରକୁ ଠିକ୍ ଭାବେ ପୂରଣ କରିବା ଶିଖିବା ବୋଲି ଅଂଶଗ୍ରହଣକାରୀ ମାନଙ୍କୁ କୁହନ୍ତୁ ।

କାର୍ଡ ଦେଖାନ୍ତୁ ଏବଂ ସମସ୍ତ ଅଂଶଗ୍ରହଣକାରୀଙ୍କୁ ତାଙ୍କର ଗୃହ ପରିଦର୍ଶନ ପ୍ଲାନର ରେଜିଷ୍ଟର କୁ ଖୋଲିବା ନିମନ୍ତେ କୁହନ୍ତୁ ।

ଡାହାଣ ପଟର ପାଠ୍ୟକୁ ବ୍ୟବହାର କରି ଗୃହ ପରିଦର୍ଶନ ପ୍ଲାନରର ଉଦ୍ଦେଶ୍ୟ, ପ୍ରତ୍ୟେକ ପୃଷ୍ଠାର ନମୂନା ଦେଖାଇ ବୁଝାନ୍ତୁ ।

ବର୍ତ୍ତମାନ ଆମେ ସମସ୍ତ ଶିଶୁ ଓ ମା ମାନଙ୍କର ନାମ ଗୃହ ପରିଦର୍ଶନ ପ୍ଲାନରରେ କିପରି । ସେହି ବିଷୟରେ ଆଲୋଚନା କରିବା ଏବଂ ଗୃହ ପରିଦର୍ଶନ ପନଲାନରର ବ୍ୟବହାର ବିଷୟରେ ଶିଖିବା ।

**ଗୃହ ପରିଦର୍ଶନ ପ୍ଲାନର ର ଉଦ୍ଦେଶ୍ୟ**

ପ୍ରତ୍ୟେକ ପରିବାର ସଠିକ୍ ସମୟରେ ସଠିକ୍ ତଥ୍ୟ ପାଇବା ନିଶ୍ଚିତ କରିବା ନିତ୍ୟାନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ଏହା ଦ୍ୱାରା ପରବାର ଗୁଡିକ ସ୍ୱାସ୍ଥ୍ୟର ଯତ୍ନ ବିଷୟରେ ସଠିକ୍ ନିଷ୍ପତି ନେବା ସହ ଆବଶ୍ୟକ ମୁତାବକ ପ୍ରସ୍ତୁତି କରିପାରିବେ । ଏହା କରିବା ପାଇଁ ଆମକୁ ଏକ ଉପଯୁକ୍ତ ଏବଂ ସମସ୍ତ ନୂତନ ତଥ୍ୟ ଅନୁଯାୟୀ ଯୋଜନା ପ୍ରସ୍ତୁତ କରିବାକୁ ହେବ, ଯାହାକି ଆମେ କେତେବେଳେ କେଉଁ ପରିବାରକୁ ଗୃହ ପରିଦର୍ଶନରେ ଯିବା ଉଚିତ୍ ତାହା ଜାଣିହେବ । ସେଥିରେ କେଉଁ ପରିବାରକୁ ଗୃହ ପରିଦର୍ଶନରେ ଯାଇ ସାରିଚେ ଏବଂ କେଉଁ ପରିବାର କି ପ୍ରକାରର ସାହାଯ୍ୟ ଓ ସମର୍ଥନ ଆବଶ୍ୟକ କରୁଛି ତାର ମଧ ତଥ୍ୟ ରହିବ । ଆପ୍ତମାନଙ୍କୁ ଏହି ଉପାୟରେ ଯୋଜନା ପ୍ରସ୍ତୁତ କରିବା ନିମନ୍ତେ ଗୃହ ପରିଦର୍ଶନ ପ୍ଲାନର ରେଜିଷ୍ଟର ଦିଆଯାଇଛି ।

**ରେଜିଷ୍ଟରର ଗଠନ ପ୍ରଣାଳୀ**

- ମା' ଓ ଶିଶୁମାନଙ୍କ ନିମନ୍ତେ ଧାଡି ଗୁଡିକ ଉଦ୍ଦିଷ୍ଟ ଅଟେ ।
- ର୍ଭବସ୍ଥାର ବିଭିନ୍ନ ମାସ ଓ ଶିଶୁ ମାନଙ୍କର ପ୍ରଥମ ୨ ବର୍ଷ ପର୍ଯ୍ୟନ୍ତ ସ୍ତମ୍ଭ ଗୁଡିକ ଉଦ୍ଦିଷ୍ଟ ଅଟେ । (ସ୍ତମ୍ଭର ଉପରିଭାଗ ପଢ଼ନ୍ତୁ)
- ତେଣୁ ତୁମ୍ଭେ ଗର୍ଭବସ୍ଥା ସମୟରେ ମା'କୁ ଅନୁସରଣ କରିବା ଆରମ୍ଭ କରିପାରିବ ଓ ଶିଶୁକୁ ୨ ବର୍ଷ ହେବା ପର୍ଯ୍ୟନ୍ତ ସେହି ଧାଡିକୁ ବ୍ୟବହାର କରିବ ।
- ସ୍ତମ୍ଭ ୧ ଓ ୨, ଶିଶୁ ଓ ମା'ମାନଙ୍କର କ୍ରମିକ ନମ୍ବର ଓ ନାମ ଲେଖିବା ପାଇଁ ଉଦ୍ଦିଷ୍ଟ ଅଟେ । ସାମ୍ଭାବ୍ୟ ପ୍ରସବ ତାରିଖ ଏବଂ ପ୍ରସବ ତାରିଖ ମଧ ସ୍ତମ୍ଭ-୨ରେ ଲେଖାଯାଇପାରିବ ।
- ପ୍ରତ୍ୟେକ ପୃଷ୍ଠାରେ ୬ଟି ଧାଡି ଅଛି,ଯେଉଁଥିରେ ଆପଣମାନେ ୬ ଯୋଡା ମା' ଓ ଶିଶୁ ୨ ବର୍ଷ ହେବା ପର୍ଯ୍ୟନ୍ତ ଦେଖି ପାରିବେ ।
- ପ୍ରତ୍ୟେକ ଧାଡିରେ କୋଠରୀ ଅଛି, ଯେଉଁଥିରେ କି ଆପଣମାନେ କିଛି ଲେଖି ପାରିବେ (କଣ ଲେଖିବେ ଆମେ ଆପଣମାନଙ୍କୁ କହିବୁ)
- କ୍ୟାଲେଣ୍ଡର ମାସର ନାମ ଲେଖିବା ନିମନ୍ତେ ପ୍ରତ୍ୟେକ କୋଠରୀର ଉପରିଭାଗରେ ଖାଲିସ୍ଥାନ ଅଛି (ଆପଣମାନେ ଏହାକୁ କିପରି ବ୍ୟବହାର କରିବେ ଆମେ କହିବୁ)




# ୧ମ ଦଳ

# ଗୃହ ପରିଦର୍ଶନ ପ୍ଲାନର କ'ଣ ଅଟେ ?




**ଶ୍ରେଣୀ ବିଭାଗ-୧, ଗୃହ ପରିଦର୍ଶନ ପ୍ଲାନର (ଗର୍ଭାବସ୍ଥାରୁ ଶିଶୁକୁ ୨୪ ମାସ ହେବା ପର୍ଯ୍ୟନ୍ତ)**

| ୧<br>ପରିବାର ଓ ବ୍ୟକ୍ତିଗତ କ୍ରମିକ ନମ୍ବର | ୨<br>ମା' ଓ ଶିଶୁର ନାମ | ୩<br>୪-୬ ମାସ ଗର୍ଭାବସ୍ଥା ଅତି କମ୍‌ରେ ୨ ଥର ଯୋଗାଯୋଗ | ୪<br>୭-୯ ମାସ ଗର୍ଭାବସ୍ଥା (ଅତି କମ୍‌ରେ ୨ ଥର ଗୃହ ପରିଦର୍ଶନ) | ୫<br>ଜନ୍ମ ହେବା ଦିନ (ଜନ୍ମ ସମୟରେ ଉପସ୍ଥିତ ବା ଜନ୍ମ ପରେ ଯେତେ ଶିଘ୍ର ସମ୍ଭବ) | ୬<br>ପ୍ରଥମ ସପ୍ତାହ (୧ ରୁ ୭ ଦିନ) (୨ ଥର ଗୃହ ପରିଦର୍ଶନ କିମ୍ବା ଶିଶୁଟି ଜନ୍ମ ଓଜନ ଠାରୁ କମ୍ ହୋଇଥିଲେ ଅଧିକ ଥର) | ୭<br>ପ୍ରଥମ ମାସ (୮-୩୦ ଦିନ) ୩ ଥର ଗୃହ ପରିଦର୍ଶନ କିମ୍ବା ଅଧିକ ଯଦି ଶିଶୁଟି ଜନ୍ମ ଓଜନ ଠାରୁ କମ୍ ହୋଇଥିଲା | ୮<br>ନବଜାତ ୧-୫ ମାସ ଯେତେ ଅଧିକ ଯୋଗାଯେଗ ହୋଇପାରିବ କିମ୍ବା ୨-୩ ଥର ନିଶ୍ଚୟ | ୯<br>ନବଜାତ ୬-୮ ମାସ ପ୍ରତିମାସ ଥରେ ଏବଂ ଯଦି ଆବଶ୍ୟକ ହୁଏ ଅଧିକ ଥର | ୧୦<br>୯-୧୧ ମାସ (୧-୨ ଥର ଗୃହ ପରିଦର୍ଶନ | ୧୧<br>ଶିଶୁ (୧୨-୧୭ ମାସ) (୧-୨ ଥର ଗୃହ ପରିଦର୍ଶନ) | ୧୨<br>ଶିଶୁ ୧୮-୨୪ ମାସ (ଯେତେ ଅଧିକ ଥର ଯୋଗାଯୋଗ/ ୨-୩ ଥର) |
|---|---|---|---|---|---|---|---|---|---|---|---|
| ପରିବାର ନମ୍ବର | କ୍ୟାଲେଣ୍ଡର ମାସ | | | | | | | | | | |
| ପରିବାରରେ | ମାଆଙ୍କ ନାମ | | | | | | | | | | |
| କ୍ରମିକ ନମ୍ବର | ସାମ୍ଭାବ୍ୟ ପ୍ରସବ ତାରିଖ | | | | | | | | | | |
| | ପ୍ରସବ ତାରିଖ | | | | | | | | | | |
| | ଶିଶୁର ନାମ | | | | | | | | | | |
| ପରିବାର କ୍ରମିକ ନମ୍ବର | | | | | | | | | | | |
| | | | | | | | | | | | |
| | | | | | | | | | | | |
| | | | | | | | | | | | |
| | | | | | | | | | | | |



# ୧ମ ଦଳ

# ଡାଟା ଟ୍ରାନ୍ସଫର ସିଟ୍ ସାହାଯ୍ୟରେ ଗୃହ ପରିଦର୍ଶନ ପ୍ଲାନରରେ ନାମ ଲେଖିବା



ବର୍ତ୍ତମାନ ଗୃହ ପରିଦର୍ଶନ ପ୍ଲାନରରେ ମହିଳା ଓ ଶିଶୁମାନଙ୍କର ନାମ ଗୁଡିକ ପୁରଣ କରିବା ପାଇଁ ଆମେ ଡାଟା ଟ୍ରାନ୍ସଫର ସିଟ୍‌କୁ ବ୍ୟବହାର କରିବା ଶିଖାଇବା ବୋଲି କୁହନ୍ତୁ ।

ଡାହାଣ ପଟେ ଦିଆଯାଇଥିବା ନିର୍ଦ୍ଦେଶାବଳୀକୁ ବ୍ୟବହାର କରି ଡାଟା ଟ୍ରାନସଫର ସିଟ୍‌ରୁ ନାମ ଗୁଡିକ କିପରି ଗୃହ ପରିଦର୍ଶନ ପ୍ଲାନରରେ ଲେଖାଯାଇ ପାରିବ, ଶିଖାନ୍ତୁ ।

କାର୍ଯ୍ୟାବଳୀ:

ଗର୍ଭବତୀ ଓ ଶିଶୁମାନଙ୍କ ନାମ ଏବଂ ଅନ୍ୟାନ୍ୟ ସୂଚନା ଡାଟା ଟ୍ରାନ୍ସଫର ସିଟ୍‌ରୁ, ଗୃହ ପରିଦର୍ଶନ ପ୍ଲାନରକୁ ନେବା ପାଇଁ ନିର୍ଦ୍ଦେଶ ଦିଅନ୍ତୁ ଏବଂ ଏହାକୁ କରିବା ପାଇଁ ଯଥେଷ୍ଟ ସମୟ ଦିଅନ୍ତୁ । ଯେଉଁ କର୍ମୀମାନେ ଏହା କରିପାରୁ ନାହାନ୍ତି ସେମାନଙ୍କୁ ସାହାଯ୍ୟ କରନ୍ତୁ । ଯେଉଁମାନେ ଏହି କାମକୁ ଅତି ଧିରେ କରୁଛନ୍ତି, ସେମାନଙ୍କୁ ଅତିକମ୍‌ରେ ୩-୫ ଜଣ ଶିଶୁଙ୍କର ସମସ୍ତ ସୂଚନା ଗୃହ ପରିଦର୍ଶନ ପ୍ଲାନରରେ ପୂରଣ କରିବାକୁ କୁହନ୍ତୁ ଓ ବଳକା କାମ ଘରକୁ ଯାଇ ଶେଷ କରିବାକୁ ନିର୍ଦ୍ଦେଶ ଦିଅନ୍ତୁ ।

ଅଧିକ ସୂଚନା ନିମନ୍ତେ ଏମ୍.ଆଇ.ଏସ୍ ନିର୍ଦ୍ଦେଶାବଳୀର ସାହାଯ୍ୟ ନେଇପାରିବେ ।

୧) ଡାଟା ଟ୍ରାନ୍ସଫର ସିଟ୍‌ରେ ଥିବା ସୂଚନାରୁ ସବୁଠାରୁ ବୟସ୍କ (ଜନ୍ମ ତାରିଖ) ଶିଶୁଟିର ନାମ ବାଛନ୍ତୁ ଏବଂ ଗୃହ ପରିଦର୍ଶନ ପ୍ଲାନରର ପ୍ରଥମ ପୃଷ୍ଠାରେ ଥିବା ସ୍ତମ୍ଭ-୨ରେ ତାର ନାମ ଲେଖନ୍ତୁ ।

୨) ସେହି ସମାନ ସ୍ତରରେ ଜନ୍ମ ତାରିଖ ଲେଖନ୍ତୁ । (ପ୍ରସବ ତାରିଖ ସହ ସମାନ ହେବ)

୩) ସ୍ତମ୍ଭ-୧ ରେ ଶିଶୁଟିର ପରିବାର ସର୍ଭେ ନମ୍ବର (ଘର ନମ୍ବର) ଲେଖନ୍ତୁ ।

୪) ଡାଟା ଟ୍ରାନ୍ସଫର ସିଟ୍‌ରୁ ଏହି ଶିଶୁର ପରେ (ବୟସ ଅନୁସାରେ ତାହା ଠାରୁ ସାନ) ଥିବା ନାମକୁ ବାଛନ୍ତୁ ଏବଂ ସମାନ ଭାବେ ପ୍ରଥମ ପୃଷ୍ଠାର ପରବର୍ତ୍ତୀ ଧାଡିରେ ସମସ୍ତ ତଥ୍ୟ ଲେଖନ୍ତୁ ।

୫) ଡାଟା ଟ୍ରାନ୍ସଫର ସିଟ୍‌ରେ ଥିବା ଅନୁକ୍ରମ (sequence) ଅନୁଯାୟୀ ସମସ୍ତ ଶିଶୁଙ୍କ ତଥ୍ୟ ଗୃହ ପରିଦର୍ଶନ ପ୍ଲାନରରେ ଲେଖନ୍ତୁ (ଯେପରିକି ସବୁ ଶିଶୁଙ୍କ ନାମ ପୂରଣ ହେବ) । ତାଲିକାରେ ଲେଖା ହୋଇଥିବା ଶେଷ ଶିଶୁଟି ଆପଣଙ୍କ ଅଞ୍ଚଳର ସବୁଠୁ ସାନ ଶିଶୁ ହୋଇଥିବ - ଯିଏକି ଅଳ୍ପ ଦିନ ବା ମାସ ଭିତରେ ଜନ୍ମ ଗ୍ରହଣ କରିଥିବ ।

୬) ତା'ପରେ ଡାଟା ଟ୍ରାନ୍ସଫର ସିଟ୍‌ରୁ ନିକଟରେ ପ୍ରସବ ହେବାକୁ ଥିବା (ପ୍ରଥମ) ଗର୍ଭବତୀର ନାମ ବାଛନ୍ତୁ - (ଯାହାରକି ପ୍ରଥମେ ପ୍ରସବ ହେବାକୁ ଥିବ) । ଶେଷ ଶିଶୁର ନାମ ତାଲିକାଭୁକ୍ତ ହେଲାପରେ ଗୃହ ପରିଦର୍ଶନ ପ୍ଲାନରର ପରବର୍ତ୍ତୀ ଧାଡିରେ ତାର (ସେହି ଗର୍ଭବତୀ)ର ନାମ ଓ ଶେଷ ଋତୁ ସମୟ ଓ ସାମ୍ଭାବ୍ୟ ପ୍ରସବ ତାରିଖ ୨ୟ ସ୍ତମ୍ଭରେ ଲେଖନ୍ତୁ ।

୭) ସେହିପରି ଡାଟା ଟ୍ରାନ୍ସଫର ସିଟ୍‌ରେ ଥିବା ଅନୁକ୍ରମ ଅନୁସାରେ ଅନ୍ୟାନ୍ୟ ଗର୍ଭବତୀଙ୍କ ନାମ ଏବଂ ସମ୍ପୂର୍ଣ୍ଣ ବିବରଣୀ ଗୃହ ପରିଦର୍ଶନ ପ୍ଲାନରରେ ଲେଖନ୍ତୁ ।







## ୧ମ ଦଳ

# ଡାଟା ଟ୍ରାନ୍ସଫର ସିଟ୍ ସାହାଯ୍ୟରେ ଗୃହ ପରିଦର୍ଶନ ପ୍ଲାନରକୁ ପୂରଣ କରିବା

| ୧ | ୨ | ୩ | ୪ | ୫ |
|---|---|---|---|---|
| ପରିବାର ଏବଂ ବ୍ୟକ୍ତିଗତ ନମ୍ବର | ମା' ଓ ଶିଶୁଙ୍କ ନାମ | ଗର୍ଭାବସ୍ଥା ୪-୬ ମାସ (ଯୋଗାଯୋଗ ଯଥେଷ୍ଟ ଅଧିକ ଥର କରନ୍ତୁ ଅତି କମ୍‌ରେ ୨ ଥର) | ଗର୍ଭାବସ୍ଥା (୭-୯ ମାସ) ଅତି କମ୍‌ରେ ୨ ଥର ଗୃହ ପରିଦର୍ଶନ | ଜନ୍ମ ଗ୍ରହଣ କରିବାର ଦିନ (ଜନ୍ମ ସମୟରେ ଉପସ୍ଥିତ କିମ୍ବା ଜନ୍ମ ପରେ ଯେତେ ଶିଘ୍ର ସମ୍ଭବ ଗୃହ ପରିଦର୍ଶନ) |
| ପରିବାର ନମ୍ବର | କ୍ୟାଲେଣ୍ଡର ମାସ | | | |
| ବ୍ୟକ୍ତିଗତ କ୍ରମିକ ନମ୍ବର | ମାତାଙ୍କ ନାମ | | | |
| | ସମ୍ଭାବ୍ୟ ପ୍ରସବ ତାରିଖ: | | | |
| | ପ୍ରସବ ତାରିଖ : | | | |
| | ଶିଶୁର ନାମ | | | |
| ପରିବାର ନମ୍ବର | କ୍ୟାଲେଣ୍ଡରମାସ | | | |



# ୨ୟ ଦଳ

## ଡାଟା ଟ୍ରାନ୍ସଫର ସିଟ୍ ସାହାଯ୍ୟରେ ଗୃହ ପରିଦର୍ଶନ ପ୍ଲାନରକୁ କିପରି ପୂରଣ କରିବା ?

କାର୍ଡ ଦେଖାନ୍ତୁ ଏବଂ ଅଂଶଗ୍ରହଣକାରୀ ମାନଙ୍କୁ ତାଙ୍କର ଗୃହ ପରିଦର୍ଶନ ପ୍ଲାନର ଖୋଲିବା ପାଇଁ କୁହନ୍ତୁ ।

ଖାତାଟି (ରେଜିଷ୍ଟର) ଠିକ୍ ଭାବେ ପୂରଣ ହୋଇଛିକି ନାହିଁ ନିରୀକ୍ଷଣ କରିବାକୁ କୁହନ୍ତୁ ।

- ସମସ୍ତ ଗର୍ଭବତୀ ମହିଳା ଓ ୧ ବର୍ଷ ତଳକୁ ଥିବା ସମସ୍ତ ଶିଶୁଙ୍କ ନାମ ପଞ୍ଜିକୃତ ହୋଇଛି କି ନାହିଁ ଦେଖନ୍ତୁ ।

ସମସ୍ତ ତଥ୍ୟ ଲିପିବଦ୍ଧ ଥିବା ସର୍ଭେ ରେଜିଷ୍ଟର (ରେଜିଷ୍ଟର-୧) ସହିତ ଗର୍ଭବତୀ ରେଜିଷ୍ଟର (ରେଜିଷ୍ଟର-୫) ଏବଂ ଟୀକାକରଣ ରେଜିଷ୍ଟର (ରେଜିଷ୍ଟର-୬) କୁ ଦେଖିବା ପାଇଁ କୁହନ୍ତୁ । ଏହି ରେଜିଷ୍ଟର ଗୁଡିକରୁ ତାଲିକାଭୂକ୍ତ ହୋଇନଥିବା କୌଣସି ଗର୍ଭବତୀ କିମ୍ବା ଶିଶୁଙ୍କ ନାମ ମିଳିଲେ ତାକୁ ସଙ୍ଗେ ସଙ୍ଗେ ରେଜିଷ୍ଟର-୮ରେ ତାଲିକାଭୂକ୍ତ କରିବା ପାଇଁ କୁହନ୍ତୁ ।

- ନାମ ଗୁଡିକ ସଠିକ୍ ଅନୁକ୍ରମରେ ଲେଖା ହୋଇଛି କି ?
  - ରେଜିଷ୍ଟରରେ ଥିବା ପ୍ରଥମ ଶିଶୁର ନାମଟି ସବୁଠାରୁ ବଡ (ଜନ୍ମ ତାରିଖ ଅନୁସାରେ) ଶିଶୁର ଅଟେତ ?
  - ରେଜିଷ୍ଟରରେ ଥିବା ଶେଷ ନାମଟି ସବୁଠାରୁ ଶେଷରେ ପଞ୍ଜିକୃତ ହୋଇଥିବା (ସମ୍ଭାବ୍ୟ ପ୍ରସବ ତାରିଖ ଶେଷ) ଗର୍ଭବତୀ ମହିଳାଙ୍କର ଅଟେ ତ ?

ଯଦି ନାମ ଗୁଡିକ ସଠିକ୍ ଅନୁକ୍ରମରେ ନାହିଁ ତେବେ ସଠିକ୍ ଅନୁକ୍ରମ ଅନୁଯାୟୀ ସମସ୍ତ ମହିଳା ଓ ଶିଶୁମାନଙ୍କର ନାମ ଲେଖିବାକୁ କୁହନ୍ତୁ । କିନ୍ତୁ ଶେଷରେ ପଞ୍ଜିକୃତ ହୋଇଥିବା ଗର୍ଭବତୀଙ୍କ ନାମ ରେଜିଷ୍ଟରର ନୂତନ ପୃଷ୍ଠାରେ  ଲେଖିବାକୁ କୁହନ୍ତୁ ଏବଂ ଏହା ପରଠାରୁ ନୂତନ ଭାବେ ପଞ୍ଜିକୃତ ହେଉଥିବା ଗର୍ଭବତୀଙ୍କ ନାମ ଏହି ନାମ ପରେ କ୍ରମ ଅନୁଯାୟୀ ଲେଖିବା ପାଇଁ କୁହନ୍ତୁ । ଯେଉଁ ମହିଳାମାନଙ୍କର ପ୍ରସବ ହୋଇଯାଉଛି ସେମାନଙ୍କ ଶିଶୁଙ୍କ ନାମ ରେଜିଷ୍ଟରରେ ଲେଖନ୍ତୁ ।

- ଯେଉଁ ଗର୍ଭବତୀଙ୍କର ପ୍ରସବ ହୋଇସାରିଛି, ସେମାନଙ୍କ ଶିଶୁ ମାନଙ୍କ ନାମ ରେଜିଷ୍ଟରରେ ଲେଖା ହୋଇଛି କି ?

ଶିଶୁମାନଙ୍କର ନାମ ଲେଖା ହୋଇନଥିଲେ, ସେମାନଙ୍କ ନାମ କିପରି ଲେଖାହେବ ଦେଖାଇ ଦିଅନ୍ତୁ ଏବଂ ସେମାନଙ୍କ ଗୃହକୁ ଗୃହ ପରିଦର୍ଶନରେ ଯିବା ଆରମ୍ଭ କରିବା ପାଇଁ କୁହନ୍ତୁ ।

ଯେଉଁ କର୍ମୀମାନଙ୍କର ରେଜିଷ୍ଟର ଠିକ୍ ଭାବେ ପୂରଣ ହୋଇଛି କିମ୍ବା ଯେଉଁମାନେ ରେଜିଷ୍ଟର ଟିରେ ସମସ୍ତ ନୂତନ ତଥ୍ୟ (ଏ ପର୍ଯ୍ୟନ୍ତ ଥିବା ତଥ୍ୟ)କୁ ପୂରଣ କରିବା ଜାଣିଛନ୍ତି ସେମାନଙ୍କୁ ଆପଣ ପ୍ରଥମ ଦଳକୁ ସାହାଯ୍ୟ କରିବା ପାଇଁ କୁହନ୍ତୁ ।




## ୨ୟ ଦଳ

# ଗୃହ ପରିଦର୍ଶନ ପ୍ଲାନରରେ ଅଦ୍ୟାବଧି ସମସ୍ତ ତଥ୍ୟ ପୂରଣ କରିବା



- ରେଜିଷ୍ଟର-୮ରେ ସମସ୍ତ ଗର୍ଭବତୀ ଓ ମହିଳା ୧ ବର୍ଷରୁ କମ୍ ଶିଶୁମାନଙ୍କର ନାମ ତାଲିକାଭୁକ୍ତ ହୋଇଥିବାର ନିଶ୍ଚିତ କରନ୍ତୁ ।
- ଯେଉଁ ମହିଳାଙ୍କର ପ୍ରସବ ହୋଇସାରିଛି ସେମାନଙ୍କ ଶିଶୁମାନଙ୍କ ନାମ ତାଲିକାଭୁକ୍ତ ହୋଇଥିବାର ନିଶ୍ଚିତ କରାନ୍ତୁ ।
- ନାମ ଗୁଡିକ କ୍ରମ ଅନୁସାରେ ଅଛି ବୋଲି ନିଶ୍ଚିତ କରାନ୍ତୁ ।

ଯଦି ନାମ ଗୁଡିକ ଭୁଲ କ୍ରମରେ ଅଛି ଏବଂ ଏହାକୁ ଠିକ୍ କରିବା କଷ୍ଟସାଧ୍ୟ ଅଟେ, ତାହାଲେ ଶେଷରେ ପଞ୍ଜିକୃତ (ନୂତନ) ହୋଇଥିବା ଗର୍ଭବତୀଙ୍କ ନାମ ଗୋଟିଏ ନୂତନ ପୃଷ୍ଠାରେ ଲେଖିବା ଆରମ୍ଭ କରନ୍ତୁ । ଏବେ ଠାରୁ ନୂତନ ଭାବେ ପଞ୍ଜିକୃତ ହେଉଥିବା ଗର୍ଭବତୀ ମହିଳାଙ୍କ ନାମ ଏହି ମହିଳାଙ୍କ ନାମ ପରେ ଠିକ୍ କ୍ରମରେ ଲେଖନ୍ତୁ ।



# ଗୃହ ପରିଦର୍ଶନ ନିମନ୍ତେ ଯୋଜନା ପ୍ରସ୍ତୁତ କରିବା ସମୟରେ ଗୃହ ପରିଦର୍ଶନ ପ୍ଲାନରକୁ କିପରି ବ୍ୟବହାର କରିବା ଗର୍ଭବତୀ ମହିଳା

**ରେଜିଷ୍ଟର ପୂରଣ ହୋଇସାରିଲା ପରେ ୧ମ ଓ ୨ୟ ଦଳକୁ ଏକାଠି ବସିବା ପାଇଁ କୁହନ୍ତୁ**

**ବର୍ଣ୍ଣନା କରନ୍ତୁ**

ଯେକୌଣସି ସମୟରେ ଗୃହ ପରିଦର୍ଶନରେ ଯିବା ନିମନ୍ତେ ଆମକୁ ଗର୍ଭବତୀ ମା'ର ଗର୍ଭର ମାସ ଓ ଶିଶୁର ବୟସ ଜାଣିବା ନିହାତି ଆବଶ୍ୟକ ।

**ପଚାରନ୍ତୁ**

ଗୃହ ପରିଦର୍ଶନ ରେଜିଷ୍ଟରରେ ତାଲିକାଭୁକ୍ତ ହୋଇଥିବା କେଉଁ ଗର୍ଭବତୀ ମହିଳାଙ୍କର ୮ ମାସ ଚାଲୁଛି ଆପଣମାନେ ଜାଣିଛନ୍ତି କି ? କେଉଁ କେଉଁ ଶିଶୁକୁ କେବେ ୭ ମାସ ହେବ ଜାଣିଛନ୍ତି କି? ମୁଁ ଯଦି ୩ ମାସ ଚାଲିଥିବା ସମସ୍ତ ଶିଶୁମାନଙ୍କ ଘରକୁ ଗୃହ ପରିଦର୍ଶନରେ ଯିବା ପାଇଁ ଆପଣମାନଙ୍କୁ କହିବି, ଆପଣମାନେ କିପରି ଜାଣିବେ କାହାର ୩ ମାସ ଚାଲିଛି ?

**ବର୍ଣ୍ଣନା କରନ୍ତୁ**

ଯେ କୌଣସି ସମୟରେ ଆମେ ଶିଶୁମାନଙ୍କର ବୟସ ଏବଂ ଗର୍ଭବତୀ ମାନଙ୍କର ମାସ ଜାଣିବା ପାଇଁ ଏହାକୁ ସରଳ ଭାବେ ପ୍ରସ୍ତୁତ କରିବା ଏଥିପାଇଁ ପ୍ରତ୍ୟେକ ଶିଶୁ ଓ ଗର୍ଭବତୀଙ୍କ ପାଇଁ ପ୍ରଥମେ ଆମେ କ୍ୟାଲେଣ୍ଡର ମାସର ଧାଡି ଗୁଡିକ ପୂରଣ କରିବା ।

**ଡାହାଣ ପଟେ ଥିବା ନିର୍ଦ୍ଦେଶାବଳୀକୁ ବ୍ୟବହାର କରି ସେମାନଙ୍କୁ ତାଙ୍କ ରେଜିଷ୍ଟରରେ ଥିବା କ୍ୟାଲେଣ୍ଡର ମାସର ଧାଡି ପୂରଣ କରିବା ପାଇଁ କୁହନ୍ତୁ । ଏଥିପାଇଁ କାର୍ଡ ବ୍ୟବହାର କରନ୍ତୁ । ପରବର୍ତ୍ତୀ କାର୍ଡ (କାର୍ଡ-୩) ଦେଖାଇ ଶିଶୁମାନଙ୍କ ପାଇଁ କ୍ୟାଲେଣ୍ଡର ମାସର ଧାଡି ପୁରଣ କରିବା ପାଇଁ କୁହନ୍ତୁ ।**

**କାର୍ଯ୍ୟଭାର**

**ଗର୍ଭବତୀ ମାନଙ୍କ ନିମନ୍ତେ, ଗୃହ ପରିଦର୍ଶନ ପ୍ଲାନରର ୩ୟ ଓ ୪ର୍ଥ ସ୍ତମ୍ଭର କ୍ୟାଲେଣ୍ଡର ମାସ ଗୁଡ଼ିକ ପୁରଣ କରିବା ପାଇଁ କୁହନ୍ତୁ, ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କୁ ୩/୪ଟି ମହିଳାଙ୍କର ସମ୍ପୂର୍ଣ୍ଣ ବିବରଣୀ ପୁରଣ କରିବା ପାଇଁ କୁହନ୍ତୁ । ଅନ୍ୟ ମହିଳାଙ୍କ ବିବରଣୀ ସେମାନେ ଘରେ ଲିପିବଦ୍ଧ କରିପାରିବେ ।**

କ୍ୟାଲେଣ୍ଡର ମାସର ଧାଡି ପୂରଣ –

**କ) ଗର୍ଭବତୀ ମହିଳାମାନଙ୍କ ନିମନ୍ତେ :**

ସ୍ତମ୍ଭ ୩ ଓ ୪ ରେ ଗର୍ଭବତୀ ମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବା କ୍ୟାଲେଣ୍ଡର ମାସର ଧାଡି ଗୁଡିକ ପୂରଣ କରନ୍ତୁ । ସ୍ତମ୍ଭ ୩, ୨ୟ ତ୍ରୈମାସିକ (ଏଠାରେ ଇଂରାଜି କ୍ୟାଲେଣ୍ଡର ମାସ ଅନୁଯାୟୀ ଯେପରି ଜାନୁଆରୀ, ଫେବୃଆରୀ, ମାର୍ଚ୍ଚ ଇତ୍ୟାଦି) (୪-୬ ମାସ) ଏବଂ ସ୍ତମ୍ଭ ୪ ୩ୟ ତୈମାସିକ (୭-୯ ମାସ) ନିମନ୍ତେ ଉଦିଷ୍ଟ ଅଟେ ।

୧) ସାମ୍ଭାବ୍ୟ ପ୍ରସବ ତାରିଖ ଦେଖି ପ୍ରସବ ମାସ ବାହାର କରନ୍ତୁ । ଏହା ୯ ମାସ ହେବ । ଉଦାହରଣ – ରମା ଦେବୀର ସାମ୍ଭାବ୍ୟ ପ୍ରସବ ତାରିଖ ୨୩ ଏପ୍ରିଲ୍ ୨୦୧୭ । ଏହା ତାହାର ମାସ ୯ ମାସ ହେବ ।

୨) ଏହି ପରି ୭ମ ଓ ୮ମ ମାସର ହିସାବ କରନ୍ତୁ । ଉଦାହରଣ : ରମା ଦେବୀଙ୍କର ଏପ୍ରିଲ ମାସ ଟି ୯ ମାସ ହେଲେ ମାର୍ଚ୍ଚ ହେଉଛି ୮ ମାସ ଓ ପେବୃଆରୀ ହେଉଛି ୭ ମାସ । ସେହି ଗର୍ଭବତୀଙ୍କ ନିମନ୍ତେ କ୍ୟାଲେଣ୍ଡର ମାସର ୪ର୍ଥ ସ୍ତମ୍ଭରେ କ୍ୟାଲେଣ୍ଡର ମାସରେ ୩ ମାସର ନାମ ଲେଖନ୍ତୁ । ଏହି ଗୁଡିକ ତାର ୩ୟ ତ୍ରୈମାସିକ ଅଟେ । ଉଦାହରଣ : ରମାଦେବୀଙ୍କ ପାଇଁ ୪ର୍ଥ ସ୍ତମ୍ଭର କ୍ୟାଲେଣ୍ଡର ମାସରେ ଫେବୃଆରୀ-ମାର୍ଚ୍ଚ-ଏପ୍ରିଲ୍ (ଫେବୃଆରୀ-ଏପ୍ରିଲ୍) ଲେଖନ୍ତୁ ।

୩) ପଛୁଆ ଭାବେ ଗଣନା କରି ସ୍ତମ୍ଭ ୩ରେ ସେହି ମାସ ଗୁଡିକର ନାମ ଲେଖନ୍ତୁ ଏଗୁଡିକ ସେହି ମହିଳାଙ୍କର ୨ୟ ତ୍ରୈମାସିକର ମାସ ଅଟେ ।

ଉଦାହରଣ ସ୍ୱରୂପ – ରମାଦେବୀଙ୍କ ପାଇଁ ଏହି ମାସ ଗୁଡିକ ହେଉଛି ନଭେମ୍ବର, ଡିସେମ୍ବର, ଜାନୁଆରୀ (ନଭେମ୍ବର-ଜାନୁଆରୀ)

ବର୍ତ୍ତମାନ ଆପଣ ଏହି ମହିଳାମାନଙ୍କ ଘରକୁ ୨ୟ କିମ୍ବା ୩ୟ ତ୍ରୈମାସିକରେ ଗୃହ ପରିଦର୍ଶନ କରିବାକୁ ଚାହୁଁଥିଲେ, ଆପଣମାନେ ଜାଣି ପାରିବେ କେଉଁମାସରେ ସେମାନଙ୍କ ଘରକୁ ଗୃହ ପରିଦର୍ଶନରେ ଜିବାକୁ ପଡିବ ।


ସମସ୍ତ ଗର୍ଭବତୀ ମହିଳାଙ୍କର ରେଜିଷ୍ଟ୍ରେସନ କରିବା ସମୟରେ ସେମାନଙ୍କର LMP ଏବଂ EDD ଜାଣିହେବ । ଏହାକୁ କ୍ୟାଲେଣ୍ଡର ମାସର ୩ୟ ଓ ୪ର୍ଥ ସ୍ତମ୍ଭରେ ପୂରଣ କରି ପାରିବେ ।



# ଗର୍ଭବତୀ ମହିଳାଙ୍କ ଘରକୁ ଗୃହ ପରିଦର୍ଶନ ନିମନ୍ତେ ଯୋଜନା ପ୍ରସ୍ତୁତ କରିବା ସମୟରେ ଗୃହ ପରିଦର୍ଶନ ପ୍ଲାନରକୁ କିପରି ବ୍ୟବହାର କରିବେ ?



| ୧<br>ପରିବାର ଏବଂ<br>ବ୍ୟକ୍ତିଗତ କ୍ରମିକ ନମ୍ବର | ୨<br>ମା’ ଓ ଶିଶୁର ନାମ | ୩<br>ଗର୍ଭାବସ୍ଥା ୪-୬ ମାସ<br>(ଯେତେ ଅଧିକ ଯୋଗାଯୋଗ<br>(ଅତି କମ୍‌ରେ ୨ ଥର) | ୪<br>ଗର୍ଭାବସ୍ଥା (୭-୯ ମାସ)<br>ଅତି କମ୍‌ରେ<br>୨ ଗୃହ ପରିଦର୍ଶନ) | ୫<br>ଜନ୍ମ ହେବା ଦିନ<br>(ଜନ୍ମ ସମୟରେ ଉପସ୍ଥିତ<br>କିମ୍ବା ଜନ୍ମ ପରେ ଯେତେ<br>ଶିଘ୍ର ସମ୍ଭବ ଗୃହ ପରିଦର୍ଶନ) |
|---|---|---|---|---|
| ପରିବାର ନମ୍ବର | କ୍ୟାଲେଣ୍ଡର ମାସ | | | |
| ବ୍ୟକ୍ତିଗତ କ୍ରମିକ ନମ୍ବର | ମାତାଙ୍କ ନାମ | | | |
| | ସାମ୍ଭାବ୍ୟ ପ୍ରସବ ତାରିଖ: | | | |
| | ପ୍ରସବ ଦିବସ : | | | |
| | ଶିଶୁର ନାମ | | | |
| ପରିବାର ନମ୍ବର | କ୍ୟାଲେଣ୍ଡର ମାସ | | | |



# ଗୃହ ପରିଦର୍ଶନ ନିମନ୍ତେ ଯୋଜନା ପ୍ରସ୍ତୁତ କରିବା ସମୟରେ ଗୃହ ପରିଦର୍ଶନ ପ୍ଲାନରକୁ କିପରି ବ୍ୟବହାର କରିବା : ଶିଶୁ



ଡାହାଣ ପଟେ ଦିଆଯାଇଥିବା ନିର୍ଦ୍ଦେଶ ଅନୁସାରେ ଶିଶୁମାନଙ୍କର କ୍ୟାଲେଣ୍ଡର ମାସର ଧାଡି ଗୁଡିକ କିପରି ପୂରଣ କରାଯିବ ବର୍ଣ୍ଣନା କରନ୍ତୁ ।

କାର୍ଯ୍ୟଭାର

ଗୃହ ପରିଦର୍ଶନ ପ୍ଲାନର ରେଜିଷ୍ଟରରେ ଥିବା ପ୍ରତ୍ୟେକ ଶିଶୁଙ୍କ ପାଇଁ ସ୍ତମ୍ଭ ୫ର କ୍ୟାଲେଣ୍ଡର ମାସ ପୁରଣ କରନ୍ତୁ, ଏବଂ ଆଗକୁ ଏପରି କରିଚାଲନ୍ତୁ । ପ୍ରତ୍ୟେକ କର୍ମୀ ୩-୪ଟି ଶିଶୁଙ୍କର ଏପରି ପୁରଣ କରନ୍ତୁ ଏବଂ ଠିକ୍ ଭାବେ ପୁରଣ କରିବା ଦେଖିବେ ବୋଲି ନିଶ୍ଚିତ ହୁଅନ୍ତୁ । ସେମାନେ ଅବଶିଷ୍ଟ ପିଲାଙ୍କ ପାଇଁ ଘରେ ଏପରି ଭାବରେ ପୂରଣ କରିବେ ।

ଗର୍ଭବତୀ ମହିଳା ଏବଂ ଶିଶୁଙ୍କ ନିମନ୍ତେ କ୍ୟାଲେଣ୍ଡର ମାସ କିପରି ପୁରଣ କରାଯିବ ଶିଖିବା ପାଇଁ ପରିବର୍ତ୍ତିତ ଏମ୍.ଆଇ.ଏସ୍ ର ନିର୍ଦ୍ଦେଶାବଳୀକୁ ଅନୁସରଣ କରିପାରିବେ ।

**କ୍ୟାଲେଣ୍ଡର ମାସର ଧାଡିଗୁଡିକ ପୂରଣ କରିବା**

**ଖ) ଶିଶୁମାନଙ୍କ ନିମନ୍ତେ :**

୧) ଯେହେତୁ ପ୍ରସବ ପରବର୍ତ୍ତୀ ସମମୟ ନିମନ୍ତେ ଉଦ୍ଦିଷ୍ଟ ତେଣୁ ଆମ୍ଭମାନଙ୍କୁ 'କ୍ୟାଲେଣ୍ଡର ମାସ'ର ଧାଡି ଗୁଡିକ ସ୍ତମ୍ଭ-୫ରୁ ଆଗକୁ ପୁରଣ କରିବା ପାଇଁ ପଡିବ, ଏଗୁଡିକ ଯେହେତୁ ପ୍ରସବ ଓ ପ୍ରସବ ପର ସମୟରେ ସେଗୁଡିକ ପ୍ରସବ ସରିଲା ପରେ ପୁରଣ କରାଯିବ ।

୨) ପ୍ରସବ ତାରିଖକୁ ଦେଖି ସ୍ତମ୍ଭ ୫ରେ ଥିବା କ୍ୟାଲେଣ୍ଡର ମାସର ଧାଡି ପୁରଣ କରନ୍ତୁ ।

**ଉଦାହରଣ**

ଯଦି ରାଜୁ ନାମକ ଶିଶୁଟି ୧୨ ଅକ୍ଟୋବର ୨୦୧୭ରେ ଜନ୍ମ ହୋଇଥାଏ ତେବେ ସ୍ତମ୍ଭ ୫ରେ ୧୨.୧୦.୨୦୧୭ ଲେଖାହେବ ।

ଉଦାହରଣ : ଶିଶୁକୁ ୬ ଦିନ ପୁରିବାର ତାରିଖ

ଶିଶୁକୁ ପରବର୍ତ୍ତୀ ୬ ଦିନ ପୁରିବାର ସମୟ ହିସାବ କରନ୍ତୁ ଏବଂ ସ୍ତମ୍ଭ ୬ରେ ଥିବା କ୍ୟାଲେଣ୍ଡର ମାସର ଧାଡିରେ ଲେଖନ୍ତୁ ।

ଉଦାହରଣ : ରାଜୁ ପାଇଁ ଏହା ୧୩-୧୮ ଅକ୍ଟୋବର ହେବ । ଶିଶୁଟି ୧ ମାସ ପୁରିବାର ତାରିଖ ହିସାବ କରି, ସ୍ତମ୍ଭ-୭ରେ ଲେଖନ୍ତୁ ।

ଉଦାହରଣ : ରାଜୁ ପାଇଁ ଏହା ୧୯ ଅକ୍ଟୋବରରୁ ୧୧ ନଭେମ୍ବର ହେବ । ଏହା ପରେ ଶିଶୁର ୬ ମାସ ପୁରିବାର ତାରିଖ ହିସାବ କରନ୍ତୁ ଏବଂ ଏହାକୁ ସ୍ତମ୍ଭ-୮ରେ ଲେଖନ୍ତୁ ।

ଉଦାହରଣ : ରାଜୁ ପାଇଁ ଏହି ମାସ ଗୁଡିକ ନଭେମ୍ବର-ଡିସେମ୍ବର-ଜାନୁଆରୀ-ଫେବୃଆରୀ-ମାର୍ଚ୍ଚ ହେବ ଏବଂ ଏହିପରି ଭାବେ ସମସ୍ତ ସ୍ତମ୍ଭ ପୁରଣ ହେଲା ପର୍ଯ୍ୟନ୍ତ କରିବ । ବର୍ତ୍ତମାନ ଆପଣ କୌଣସି ନିର୍ଦ୍ଦିଷ୍ଟ ଶିଶୁ ଘରକୁ ଗୃହ ପରିଦର୍ଶନରେ ଯିବାକୁ ଚାହୁଁଥିଲେ କେଉଁ ମାସ ବା କେଉଁ ଦିନ ତା ଘରକୁ ଯିବା ଉଚିତ୍ ଜାଣିହେବ ।

ସମସ୍ତ ଶିଶୁଙ୍କର ଜନ୍ମ ପରେ ତାଙ୍କର କ୍ୟାଲେଣ୍ଡର ମାସ ପୂରଣ କରି ଚାଲିଲେ ଆପଣଙ୍କର ଯୋଜନା ତିଆରି କରିପାରିବେ ।



# ଗୃହ ପରିଦର୍ଶନ ନିମନ୍ତେ ଯୋଜନା ପ୍ରସ୍ତୁତ କରିବା ସମୟରେ ଗୃହ ପରିଦର୍ଶନ ପ୍ଲାନରକୁ କିପରି ବ୍ୟବହାର କରିବା : ଶିଶୁମାନଙ୍କ ନିମନ୍ତେ



| ୬<br>ପ୍ରଥମ ସପ୍ତାହ (୧-୭ ଦିନ)<br>(୨ ଥର ଗୃହ ପରିଦର୍ଶନ : ଯଦି ଦୁର୍ବଳ ଶିଶୁ ଜନ୍ମ ହୁଏ ଅଧିକ ଥର) | ୭<br>ପ୍ରଥମ ମାସ (୮-୩୦ ଦିନ)<br>(୩ ଥର ଗୃହ ପରିଦର୍ଶନ: ଯଦି ଦୁର୍ବଳ ଶିଶୁ ଜନ୍ମ ହୋଇଥାଏ, ତେବେ ଅଧିକ ଥର) | ୮<br>ନବଜାତ ଶିଶୁ ୧-୫ ମାସ<br>(କୌଣସି ଥର ଯୋଗାଯୋଗ ଯଥେଷ୍ଟ ଅଧିକରୁ ୨-୩ ଥର) | ୯<br>ନବଜାତ ଶିଶୁ ୬-୮ ମାସ<br>(ପ୍ରତ୍ୟେକ ମାସ ଥରେ ଗୃହ ପରିଦର୍ଶନ କିମ୍ବା ଦରକାର ହେଲେ ଅଧିକ ଥର) | ୧୦<br>ନବଜାତ ଶିଶୁ ୯-୧୧ ମାସ<br>(୧ ବା ୨ ଥର ଗୃହ ପରିଦର୍ଶନ) | ୧୧<br>ଶିଶୁ ୧୨-୧୭ ମାସ<br>(୧ କିମ୍ବା ୨ ଥର ଗୃହ ପରିଦର୍ଶନ) | ୧୨<br>ଶିଶୁ ୧୮-୨୪ ମାସ<br>ଯେତେ ଅଧିକ ଯୋଗଯୋଗ ୨-୩ ଥର ଗୃହ ପରିଦର୍ଶନ) |
|---|---|---|---|---|---|---|
| | | | | | | |
| | | | | | | |
| | | | | | | |
| | | | | | | |
| | | | | | | |

# ପରବର୍ତ୍ତୀ ମାସ ପାଇଁ କାର୍ଯ୍ୟ ଯୋଜନା : ମାସ-୧
## ଗୃହ ପରିଦର୍ଶନ ପ୍ଲାନରରେ ବାକି ରହିଯାଇଥିବା କାମକୁ ସମ୍ପୂର୍ଣ୍ଣ କରିବା

କାର୍ଡ ଦେଖାଇ, ଗୃହ ପରିଦର୍ଶନ ପ୍ଲାନରକୁ ବ୍ୟବହାର ଉପଯୋଗୀ କରିବା ନିମନ୍ତେ, ବାକି ଥିବା କାମକୁ ସମ୍ପୂର୍ଣ୍ଣ କରିବା ଉଚିତ୍ ବୋଲି କୁହନ୍ତୁ ।

- ୧ମ ଦଳ : ୧ ବର୍ଷ ତଳକୁ ଥିବା ସମସ୍ତ ଶିଶୁଙ୍କ ନାମ ଏବଂ ବର୍ତ୍ତମାନର ଗର୍ଭବତୀ ମହିଳାଙ୍କ ନାମ ଡାଟା ଟ୍ରାନ୍ସଫର ସିଟ୍‌ରୁ ଖୋଜି, ଗୃହ ପରିଦର୍ଶନ ପ୍ଲାନର ରେଜିଷ୍ଟରରେ ଲେଖି ପୂରଣ କରିବା ।
- ୨ୟ ଦଳ : ତାଲିକାଭୁକ୍ତ ହୋଇ ନଥିବା ସମସ୍ତ ଶିଶୁ ଓ ଗର୍ଭବତୀଙ୍କ ନାମ ଲେଖି ଗୃହ ପରିଦର୍ଶନ ପ୍ଲାନରେ ପୂରଣ କର ।
- ସମସ୍ତ ଶିଶୁ ଏବଂ ଗର୍ଭବତୀଙ୍କର ତାରିଖ ହିସାବ କରି 'କ୍ୟାଲେଣ୍ଡର ମାସ'ରେ ଥିବା କୋଠରୀରେ ସମ୍ପୂର୍ଣ୍ଣ ଭାବେ ଲେଖନ୍ତୁ ।

ପ୍ରତ୍ୟେକ ମାସ ବୈଠକକୁ ସେମାନେ ତାଙ୍କ ପ୍ଲାନର ରେଜିଷ୍ଟରକୁ ନେଇକି ଆସିବା ଉଚିତ୍ ।


ଆପଣ ପରବର୍ତ୍ତୀ ମାସ ପରିଦର୍ଶନରେ ଯିବା ସମୟରେ ତାଙ୍କ ରେଜିଷ୍ଟରଟିକୁ ଯାଞ୍ଚ କରିବେ ବୋଲି କୁହନ୍ତୁ ଏବଂ ପରବର୍ତ୍ତୀ ମାସିକ ବୈଠକରେ ମଧ ଠିକ୍ ଅଛି କି ନାହିଁ ଜାଣିବା ପାଇଁ ରେଜିଷ୍ଟର ଟିକୁ ଯାଞ୍ଚ କରିବେ ବୋଲି କୁହନ୍ତୁ ।

# ପରବର୍ତ୍ତୀ ମାସ ନିମନ୍ତେ କାର୍ଯ୍ୟ ଯୋଜନା

## ଗୃହ ପରିଦର୍ଶନ ପ୍ଲାନରରେ ଥିବା ବଳକା କାମକୁ ସମ୍ପୂର୍ଣ୍ଣ କରିବା



- ଗୃହ ପରିଦର୍ଶନ ପ୍ଲାନରରେ ନାମ ତାଲିକାଭୁକ୍ତ କରିବାର କାମ ସମ୍ପୂର୍ଣ୍ଣ କରନ୍ତୁ ।
- ଛାଡି ଯାଇଥିବା ଶିଶୁ ଓ ଗର୍ଭବତୀ ମହିଳାଙ୍କ ନାମ ଗୃହ ପରିଦର୍ଶନ ପ୍ଲାନରରେ ତାଲିକାଭୁକ୍ତ କରନ୍ତୁ ।
- କ୍ୟାଲେଣ୍ଡର ମାସ ସ୍ତମ୍ଭକୁ ପୂରଣ କରନ୍ତୁ ।



# ପରବର୍ତ୍ତୀ ମାସ ନିମନ୍ତେ କାର୍ଯ୍ୟର ପ୍ରସଙ୍ଗ : ମାସ-୨
## ଗୃହ ପରିଦର୍ଶନ ଆରମ୍ଭ କରନ୍ତୁ

ବର୍ତ୍ତମାନ ଆମ୍ଭେମାନେ ନିୟମିତ ଭାବେ ଗୃହ ପରିଦର୍ଶନ ଆରମ୍ଭ କରିବା ବୋଲି ବୁଝାଇ ଦିଅନ୍ତୁ ।

କାର୍ଡ ଦେଖାଇ ପ୍ରତ୍ୟେକ ବିଷୟବସ୍ତୁକୁ ବର୍ଣନା କରନ୍ତୁ

୧) ଏହି ମାସ ଆରମ୍ଭ ନିମନ୍ତେ, ଯେଉଁ ଗର୍ଭବତୀ ମହିଳାଙ୍କର ଏ ମାସ ପ୍ରସବ ହେବାର ସମ୍ଭାବନା ଅଛି ଚିହ୍ନଟ କରି ସେହି ସମସ୍ତ ମହିଳାଙ୍କ ଘରକୁ ଗୃହ ପରିଦର୍ଶନରେ ଯିବା । ଆମେ ଯେହେତୁ ସେମାନଙ୍କର କେବେ ପ୍ରସବ ହେବ ସଠିକ୍ ଭାବେ ଜାଣି ନାହାଁନ୍ତି, ତେଣୁ ଯେତେ ଶିଘ୍ର ସମ୍ଭବ ସେମାନଙ୍କ ଘରକୁ ଗୃହ ପରିଦର୍ଶନରେ ଯିବା ଉଚିତ୍ ।

ପଢ଼ରନ୍ତୁ : ପ୍ରତ୍ୟେକ ଗ୍ରାମରେ ଏହିପରି କେତେଜଣ ଗର୍ଭବତୀ ଥାଇପାରନ୍ତି । କୌଣସି ଗ୍ରାମରେ ବା କର୍ମୀଙ୍କ କେନ୍ଦ୍ରରେ ୨ କିମ୍ବା ୩ ଜଣ ଏହିପରି ମହିଳା ଠାରୁ ଅଧିକ ନଥିବେ ।

ବର୍ଣ୍ଣନା କରନ୍ତୁ :

୨) ଏହାପରେ ଆମେ ପ୍ରସବ ପରେ ଯେତେ ଶିଘ୍ର ସମ୍ଭବ ତାଙ୍କ ଘରକୁ ଗୃହ ପରିଦର୍ଶନରେ ଯିବା, ଯଦି ସମ୍ଭବ ପ୍ରସବ ଦିନ ମଧ ପରିଦର୍ଶନ କରିବେ ।

ବର୍ଣ୍ଣନା କରନ୍ତୁ :

ଗୃହ ପରିଦର୍ଶନ ସମୟରେ ପରିବାର ଲୋକଙ୍କ ସହ କଥାବାର୍ତ୍ତା ହୋଇ ସେମାନଙ୍କର ଅବସ୍ଥା ବୁଝିଇବା ନିମନ୍ତେ ଚେଷ୍ଟା କରିବା ଉଚିତ୍ । ପ୍ରତ୍ୟେକ କର୍ମୀ ଗୃହ ପରୀଦର୍ଶନ ସମୟରେ କଣ ଦେଖିଲେଏବଂ ଶିଖାଇଲେ ସେହି ବିଷୟରେ ପରବର୍ତ୍ତୀ ବୈଠକରେ ଆଲୋଚନା କରିବେ ।



# ପରବର୍ତ୍ତୀ ମାସ ପାଇଁ କାର୍ଯ୍ୟ ଯୋଜନା-୨
## ଗୃହ ପରିଦର୍ଶନ ଆରମ୍ଭ କରିବା




- ଆମ୍ଭେ ସମସ୍ତ ମହିଳାଙ୍କ ଘରକୁ ଯାହାର ଆସନ୍ତା ମାସରେ ପ୍ରସବ ହେବାକୁ ଥିବ, ସେମାନଙ୍କର ପ୍ରସବ ପୂର୍ବରୁ ପରିଦର୍ଶନରେ ଯିବା ।

- ଆମ୍ଭେ ସେମାନଙ୍କ ଘରକୁ ପ୍ରସବ ପରେ ପରେ ତୁରନ୍ତ ପୁନର୍ବାର ପରିଦର୍ଶନରେ ଯିବା ।

୧) ମାସିକ ବୈଠକ କାହିଁକି ?

୨) ଗୃହ ପରିଦର୍ଶନ ପ୍ଲାନରକୁ ପ୍ରସ୍ତୁତ କରିବା କିମ୍ବା ଅଦ୍ୟାବଧି ହୋଇଥିବା ପରିବର୍ତ୍ତନକୁ ଲିପିବଦ୍ଧ କରିବା ଏବଂ ଗୃହ ପରିଦର୍ଶନ ଆରମ୍ଭ କରିବା ।

୩) ଅଙ୍ଗନୱାଡି କେନ୍ଦ୍ରରେ ଗୋଷ୍ଠୀଭିତ୍ତିକ କାର୍ଯ୍ୟକ୍ରମର ଯୋଜନା ପ୍ରସ୍ତୁତ କରିବା ଏବଂ ସଂଗଠିତ କରିବା ।

୪) ନବଜଜାତ ଶିଶୁ ମାନଙ୍କର ସ୍ତନ୍ୟପାନକୁ ନିରୀକ୍ଷଣ କରିବା - କାହିଁକି ଏବଂ କିପରି ?

୫) ଦୁର୍ବଳ ନବଜାତ ଶିଶୁର ଚିହ୍ନଟ ଏବଂ ଯତ୍ନ ।

୬) ଅନୁପୂରକ ଖାଦ୍ୟ ଦେବା - ଅଭ୍ୟାସଗତ ଖାଦ୍ୟର ବିବିଧତା ।

୭) ମହିଳା ମାନଙ୍କର ରକ୍ତହୀନତା ଦୂରୀକରଣ ।

୮) ଶିଶୁଙ୍କ ବୃଦ୍ଧିକୁ ନିରୀକ୍ଷଣ ।

୯) ଅଧିକ ଥର ଅନୁପୂରକ ଖାଦ୍ୟ ଦେବା ନିଶ୍ଚିତ କରିବା ।

୧୦) କେବଳ ସ୍ତନ୍ୟପାନକୁ ନିଶ୍ଚିତ କରିବା ।

୧୧) ଦୂର୍ବଳ ନବଜାତ ଶିଶୁର ଯତ୍ନ - କେତେଜଣ ଦୁର୍ବଳ ନବଜାତ ଶିଶୁକୁ ଛାଡିଗଲେ କି ?

୧୨) ସଠିକ୍ ସମୟରେ ଅନୂପୁରକ ଖାଦ୍ୟ ଦେବାର ନିଶ୍ଚିତ କିପରି କରିବ ?

୧୩) ଅତିଶୟ ଦୁର୍ବଳ ପୁଷ୍ଟିହୀନ ଶିଶୁଙ୍କୁ ଚିହ୍ନଟ ଏବଂ ଦୂରୀକରଣ କିପରି କରିବେ ?

୧୪) ଅସୁସ୍ଥାତା ସମୟରେ ଖାଦ୍ୟ ଦେବା ଚାଲୁରଖିବା ।

୧୫) ସ୍ତନ୍ୟପାନ ସମୟରେ ଅସୁବିଧାର ସମ୍ମୁଖୀନ ହେଉଥିବା ମା'ମାନଙ୍କୁ ସାହାଯ୍ୟ କରିବା ।

୧୬) କଙ୍ଗାରୁ ମଦର କେୟାର ଅନୁସାରେ ଦୁର୍ବଳ ନବଜାତ ଶିଶୁମାନଙ୍କର କିପରି ଯତ୍ନ ନେବା ?

୧୭) ଦୁର୍ବଳ ନବଜାତ ଶିଶୁମାନଙ୍କର ଚିହ୍ନଟିକରଣ ଏବଂ ପରାମର୍ଶ ସେବା ନିମନ୍ତେ ପ୍ରେରଣ କରିବା ।

୧୮) ପୁଷ୍ଟିହୀନତା ଓ ମୃତ୍ୟୁକୁ ରୋକିବା ନିମନ୍ତେ ଅସୁସ୍ଥତା ଦୂରିକରଣ ।

୧୯) କିଶୋରୀ ଏବଂ ଶିଶୁମାନଙ୍କ ଠାରେ ଦେଖାଯାଉଥିବା ରକ୍ତହୀନତାକୁ ପ୍ରତିରୋଧ କରିବା ।

୨୦) ଜନ୍ମ ପାଇଁ ପ୍ରସ୍ତୁତି - ଘରେ ପ୍ରସବ ଏବଂ ଆନୁଷ୍ଠାନିକ ପ୍ରସବ ନିମନ୍ତେ ପ୍ରସ୍ତୁତି ।

୨୧) ଗର୍ଭାବସ୍ଥା ସମୟରେ ପ୍ରସ୍ତୁତି : ନବଜାତ ଶିଶୁର ଯତ୍ନ ଏବଂ ପରିବାର ନିୟୋଜନ ନିମନ୍ତେ ।

